BAGEESHA
ବାଗୀଶ
ତୃତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର-ଅକ୍ଟୋବର ୨୦୨୫
Volume No. 03 | Issue No. 05 | Sep-Oct 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପରେ ପ୍ରେମ ଓ ଯୌନତା

**ଅଶୋକ କୁମାର ମହାନ୍ତ**

ଗବେଷକ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

RECEIVED : 01 JUL 2025
ACCEPTED : 25 OCT 2025
REVISED : 31 OCT 2025
PUBLISHED: 10 NOV 2025

ARTICLE QR CODE

DOI: 10.70541/BAGEESHA/2025030502

Article No. BM2025/05-A002
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

BM2025/05-A002

ABSTRACT

**ସାରାଂଶ**

*ପ୍ରେମ ଭୂମିରୁ ଭୂମା ପର୍ଯ୍ୟନ୍ତ ପରିବ୍ୟାପ୍ତ। ପ୍ରେମ ଦେହର ମିଳନରେ ଗଢ଼ିଉଠେ ନାହିଁ, ଏହା ଆତ୍ମାର ମିଳନ। କେବଳ ମାନବ ଜୀବନ କାହିଁକି; ଇତର ପ୍ରାଣୀଙ୍କ ଭିତରେ ମଧ ସର୍ବଦା ସନ୍ନିହିତ। ସାହିତ୍ୟର ଆଦ୍ୟ ଅନ୍ୱେଷା ହିଁ ପ୍ରେମ। ପ୍ରେମ ବିନା ଏ ଜଗତ ଅନ୍ତସାରହୀନ। କିନ୍ତୁ, ନଈକେ ବାଙ୍କ ଦେଶ କେ ଫାଙ୍କ ପରି ସମୟ ସ୍ରୋତରେ ପ୍ରେମର ସଂଜ୍ଞା ମଧ ପରିବର୍ତ୍ତନ ଘଟିଛି। ଆଧୁନିକ କାଳରେ ଯାହା ପ୍ରେମର ସଂଜ୍ଞା ଧାରଣ କରେ ତାହା କ'ଣ ବାସ୍ତବ ପ୍ରେମର ନିଦର୍ଶନ? ଏହା ପାଠକ ମଧରେ ପ୍ରଶ୍ନବାଚୀ ଆଣିଥାଏ। ବର୍ତ୍ତମାନ ପ୍ରେମ ଆଉ ମନ ମିଳନରେ ଗଠିତ ନୁହଁ ବାସନାର ପୂର୍ତ୍ତିରେ ହିଁ ପ୍ରେମର ପରିପ୍ରାପ୍ତି। ପ୍ରେମ ରୂପ ଆକର୍ଷଣରୁ ସୃଷ୍ଟି ହୋଇ ଦୈହିକ ସମ୍ପର୍କରେ ପରିସମାପ୍ତି ଘଟୁଛି। ଦୈହିକ ପ୍ରେମ କେବଳ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁନାହିଁ, ବୈବାହିକ ଜୀବନରେ ଦମ୍ପତିଙ୍କ ମଧରେ ଫାଟ ସୃଷ୍ଟି କରିଛି। ପ୍ରେମ ଉଜୁଡ଼ା ବସାର ବାଇଚଢ଼େଇ ପରି ପଥଭ୍ରଷ୍ଟ। ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ଗଳ୍ପରେ କିପରି ରୂପାୟିତ ତାହା ବିଚାର ଯୋଗ୍ୟ। ଗଳ୍ପର ଉନ୍ମେଷ କାଳରୁ ଦେଶ ସ୍ୱାଧୀନତା ପର୍ଯ୍ୟନ୍ତ ଓଡ଼ିଆ ଗଳ୍ପ ସାହିତ୍ୟରେ ପ୍ରେମର ନିଦର୍ଶନ କିପରି ଫୁଟିଉଠିଛି ତାହା ଆମେ ଦେଖିପାରିବା ଏହି କାଳଖଣ୍ଡର ଗାଳ୍ପିକଙ୍କ ଗଳ୍ପରେ।*

**ମୂଳଶବ୍ଦ:** ପ୍ରେମ, ଶରୀର, ସୌନ୍ଦର୍ଯ୍ୟ, ସଂଜ୍ଞା, ଦୈହିକ, ମାନସିକ, ଆକର୍ଷଣ, ପରକୀୟା।

**ଉପକ୍ରମ:** ପ୍ରେମ ଏକ ମଧୁର ବନ୍ଧନ ଯାହା କଣ୍ଟକିତ ଚଲାପଥକୁ କୁସୁମିତ କରେ। ଓଡ଼ିଆରେ 'ପ୍ରେମ' ଶବ୍ଦଟି ଇଂରାଜୀରେ 'love' ରୂପେ ବ୍ୟବହାର କରାଯାଏ। ଯାହା, ଯାହା ପ୍ରୋଟୋ-ଜର୍ମାନୀକ୍ ଲୁବୋ ସହିତ ଜଡିତ, ଏବଂ ଶେଷରେ ପ୍ରୋଟୋ-ଇଣ୍ଡୋ-ୟୁରୋପୀୟ (PIE) ମୂଳ *Leubh- ସହିତ ଜଡିତ, ଯାହାର ଅର୍ଥ "ଯତ୍ନ କରିବା, ଇଚ୍ଛା କରିବା, କିମ୍ବା ପ୍ରେମ କରିବା"।ଏହା ଦୁଇ ଆତ୍ମାର ପବିତ୍ର ମିଳନ। ପ୍ରେମର ସୌନ୍ଦର୍ଯ୍ୟ ସେତେବେଳେ ଦ୍ୱିଗୁଣିତ ହୋଇଥାଏ ଯେତେବେଳେ ସେଥିରେ ପ୍ରାପ୍ତି ଅପ୍ରାପ୍ତି ,ଆଶା ପ୍ରତ୍ୟାସା ନଥାଏ। ପ୍ରେମ ବିନା ସୃଷ୍ଟି ଅସମ୍ଭବ। ପ୍ରେମହିଁ ସ୍ରଷ୍ଟା ସୃଷ୍ଟିର ସଂଯୋଗ ସୂତ୍ର। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ (କବିତା ,ଗଳ୍ପ,ନାଟକ, ଉପନ୍ୟାସ, ପ୍ରବନ୍ଧ) ଆଦି ସମସ୍ତ ବିଭାଗରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ପ୍ରାଚୀନ ମଧ୍ୟଯୁଗୀୟ ସାହିତ୍ୟ ଦରବାରୀ ସାହିତ୍ୟ ଥିବାରୁ ସାହିତ୍ୟ ଦରବାର ମଧରେ ସୀମିତ। ରାଜାଙ୍କ ମନୋରଞ୍ଜନ ନିମନ୍ତେ କାବ୍ୟ କବିତା ଗଢି ଉଠୁଥିଲା। ଆଧୁନିକ କାଳରେ ଏହା ହୋଇଛି ଦିଗନ୍ତ ବିସ୍ତାରି। ସାହିତ୍ୟ ଓହ୍ଲାଇ ଆସିଛି ସାଧାରଣ ଜନତାଙ୍କ ଜୀବନ ପରିଧି ମଧକୁ। ସ୍ରଷ୍ଟା ଯାହା ସମାଜରେ ଦେଖିଛି ତାହା ଲେଖିଛି। କିଛି ସତ କିଛି କଳ୍ପନାର ଛଟାରେ ପାଠକ ମନ ମୋହିଛି। କ୍ଷୁଦ୍ର ଆଦ୍ୟ ପୁରୋଧା ଫକୀର ମୋହନ ସେନାପତିଙ୍କ ଲେଖନୀରେ ଓଡ଼ିଆ କ୍ଷୁଦ୍ରଗଳ୍ପର ଭିତ୍ତି ସ୍ଥାପନ ହୋଇଛି ।

**ବିଷୟର ଆଲୋଚନା:** ସାହିତ୍ୟ ସବୁବେଳେ ସମାଜ ସହିତ ଥାଏ। ଏହା ମୁଦ୍ରାର ଦୁଇ ପାର୍ଶ୍ୱ ପରି ସର୍ବଦା ପରିପୂରକ। ତେଣୁ ସାହିତ୍ୟକୁ ସମାଜର ଦର୍ପଣ ବୋଲି ମଧ କୁହାଯାଏ। ପ୍ରେମର ଦୃଷ୍ଟାନ୍ତ ବିଭିନ୍ନ ସ୍ରଷ୍ଟାଙ୍କ ବିବିଧ ମନନ ଓ ଚିନ୍ତନ ଉପରେ ପରିଦୃଷ୍ଟ। ସାହିତ୍ୟର ଆଦ୍ୟ ପ୍ରଭାତ ପ୍ରେମମୟ। ବାଲ୍ମିକୀ ତମସା ତଟିନୀ କୂଳରୁ ସ୍ନାନ ସାରି ପ୍ରତ୍ୟାବର୍ତ୍ତନ କାଳର ଦୃଶ୍ୟ - ବ୍ୟାଧ ଶରାହତ କ୍ରୌଞ୍ଚଦ୍ୱୟ ଜଣକର ବିଚ୍ଛେଦରେ ଅନ୍ୟର ବ୍ୟାକୁଳତା ସେଇ ରକ୍ତ ଜୁଡୁବୁଡୁ କ୍ରୌଞ୍ଚଠାରେ ପ୍ରତୀକ୍ଷିତ ହୋଇଥାଏ। ପ୍ରେମ ବିନା ସୃଷ୍ଟି ଅସମ୍ଭବ - ଅସମ୍ଭବ ଏ ଜୀବଜଗତ ତିଷ୍ଠିବା। ସମୀକ୍ଷକଙ୍କ ଦୃଷ୍ଟିରେ ପ୍ରେମର ସଂଜ୍ଞା ଭିନ୍ନ ଭିନ୍ନ। କେହି କେହି ପ୍ରେମକୁ ତ୍ୟାଗର ପ୍ରତୀକ ଭାବେ ଗ୍ରହଣ କରୁଥିବା ବେଳେ କେହି କେହି ପ୍ରେମକୁ ଭୋଗର ପ୍ରତୀକ ଭାବେ ଗ୍ରହଣ କରିଥାନ୍ତି।

VOL NO 03 ISSUE NO 05

ବ୍ୟକ୍ତି ଜୀବନର ଅନୁଭୂତିରୁ ପ୍ରେମ ଗଢ଼ିଉଠୁଥିବା ଯୋଗୁଁ ପ୍ରତିଟି ବ୍ୟକ୍ତିର ଅଭିଜ୍ଞତାପୂର୍ଣ୍ଣ ଜୀବନରୁ ହିଁ ପ୍ରେମର ସଂଜ୍ଞା ନିର୍ଦ୍ଧାରିତ। ପ୍ରାବନ୍ଧିକ ଶଶିଭୂଷଣ ରାୟ 'ସୌନ୍ଦର୍ଯ୍ୟ ଓ ପ୍ରେମ' ପ୍ରବନ୍ଧରେ ପ୍ରେମର ସୁନ୍ଦର ମୂଲ୍ୟାୟନ କରିଛନ୍ତି। ପ୍ରେମ କେତେବେଳେ ଶାଶ୍ୱତ ଓ ଅମର ହୁଏ ତାହା ଏହି ପ୍ରବନ୍ଧ ପାଠ ଦ୍ୱାରା ପାଠକ ଅବବୋଧ ହୋଇପାରିବେ। ତାଙ୍କ ମତରେ ଯେଉଁଠାରେ ପ୍ରେମ ସେଠାରେ ସୌନ୍ଦର୍ଯ୍ୟ ସଦାସର୍ବଦା ବିଦିତ। ଏଠାରେ ଗଙ୍ଗାଧରଙ୍କ ଏକ ପଦ ପ୍ରଣିଧାନ ଯୋଗ୍ୟ "ଅସୁନ୍ଦର ମଧ୍ୟେ ନଥାଏ ସୁନ୍ଦର। ସୁନ୍ଦର ମଧ୍ୟରେ ଅସୁନ୍ଦର ଘର।।"

ଠିକ୍ ସେହିପରି ଆଧୁନିକ ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ପ୍ରେମକୁ ଏକ ଶକ୍ତିଶାଳୀ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରିଛନ୍ତି। ପ୍ରେମ ଯୁଗେ ଯୁଗେ ଅମର ପ୍ରେମ ଅବଳାକୁ ବୀର କରିପାରେ, ପ୍ରେମ ଭୟ ମଧ୍ୟରେ ଦେଇଥାଏ ବୁଦ୍ଧି ଓ ସାହସ, ସେ ଅବଶକୁ ବଶ କରିପାରେ, କରିପାରେ ଭୀରୁ ଠାରୁ ବୀର। ଏହା କେବଳ ପ୍ରେମ ଦ୍ୱାରା ସମ୍ଭବ ହୋଇ ପାରି ଥାଏ। କବିଙ୍କ ଭାଷାରେ : "ପ୍ରେମ ସିନା କରେ ଅବଳାକୁ ବୀର/ପ୍ରେମ ଦିଏ ବୁଦ୍ଧି ଉଦଯୋଗ ସାହସ/ ପ୍ରେମ କରିପାରେ ଅବଶକୁ ବଶ/ ଭୀରୁ ନାମ ଯେହୁ ବହନ୍ତି ସ୍ୱଭାବେ/ ବୀର ହୁଅନ୍ତି ସେ ପ୍ରେମର ପ୍ରଭାବେ।"( ନନ୍ଦିକେଶ୍ୱରୀ, ପୃ - ୪୬)

ଆଧୁନିକ ଓଡ଼ିଆ କବିତାରେ ପ୍ରେମିକ କବି ଭାବେ ମାୟାଧର ମାନସିଂହ' କମଳାୟନ' କାବ୍ୟରେ ପ୍ରେମର ବ୍ୟାଖ୍ୟା ବେଶ ମନୋରମ। "ପ୍ରେମ ନୁହେଁ ଦେହ ଦେହୁଁ ଭୋଗ ଅନ୍ୱେଷଣ/ପ୍ରେମ, ଆତ୍ମା ପ୍ରତି ଅନ୍ୟର ବନ୍ଧନ/ ପ୍ରେମ, ପୂର୍ଣ୍ଣ ସମର୍ପଣ ଏକ ଅନ୍ୟ ପାଇଁ/ ପ୍ରେମ ଆନ ପାଇଁ ଦେବା ନିଜକୁ ହଜାଇ।" (ସାରସତ୍ୱ ସାଧକ ଡକ୍ଟର ମାୟାଧର ମାନସିଂହ,ପୃ-୧୬)

କେବଳ କବିତା କ୍ଷେତ୍ରରେ ନୁହଁ କଥା ସାହିତ୍ୟ କ୍ଷେତ୍ରରେ ମଧ୍ୟ ଶାଶ୍ୱତ ପ୍ରେମର ନିଦର୍ଶନ ଦେଖିବାକୁ ମିଳେ। 'ଦେହାତୀତ' ଉପନ୍ୟାସର ରଚୟିତା ପ୍ରତିଭା ରାୟ ପ୍ରେମର ସତ୍ତାକୁ ପ୍ରକାଶ କରିବା ପାଇଁ ଉପନ୍ୟାସ ସ୍ଥିତ ଚରିତ୍ର ଦ୍ୱୟ 'ଓମକାର ଓ ସ୍ୱାହା' ମଧ୍ୟରେ ପ୍ରେମକୁ ଏପରି ଚିତ୍ତାକର୍ଷକ ଭାବେ ଗଢ଼ିଛନ୍ତି ଯେ ପାଠକଙ୍କ ଚିତ୍ତରଞ୍ଜନ ସୃଷ୍ଟିହୋଇଥାଏ। ଏହାକୁ ପ୍ରକୃତ ପ୍ରେମ ବୋଲାଯାଇ ପାରେ। ଯେଉଁଠାରେ ଦେହର ବାସ୍ନା ନାହିଁ ମଧ୍ୟ ଭୋଗ ବିଳାସର ପ୍ରାଚୁର୍ଯ୍ୟ। କେବଳ ମନ ପ୍ରତି ମନର ଆକର୍ଷଣ। ଓମକାର ଚାହେଁ ସ୍ୱାହାକୁ ତାର ମନକୁ ଶରୀରକୁ ନୁହେଁ। ମନରେ ଈର୍ଷା ଆସକ୍ତି ମୋହ କାମନା ଭିତରୁ ଯେଉଁ ଭଲପାଇବା ଜନ୍ମ ତାର ନାମ ପ୍ରେମ ନୁହଁ। କେବଳ ସଂଘର୍ଷ ମାତ୍ର। ପରସ୍ପର ପ୍ରତି ରହିଥିବା ଉକ୍ତିରୁ ଏହା ପ୍ରତିଭାତ ହୁଏ। "ଓମକାର ସ୍ୱାହାକୁ ଭଲପାଏ, ସେମିତି ଭଲପାଏ ଫୁଲର ସୌନ୍ଦର୍ଯ୍ୟକୁ, ଆକାଶର ନିର୍ମଳତାକୁ, ଚନ୍ଦ୍ରର ସ୍ନିଗ୍ଧତାକୁ ଓ ଆକାଶର ବାରିପାତକୁ। ସ୍ୱାହାର ଆତ୍ମାକୁ ଭଲପାଏ ଶରୀରକୁ ନୁହଁ। ସ୍ୱାହାର ସବୁକିଛି ଦେହାତୀତ। ସ୍ୱାହାର କାମନା ବାସ୍ନା ନାହିଁ।"

ଓଡ଼ିଆ କ୍ଷୁଦ୍ର ଗଳ୍ପର ଜନକ ଫକୀର ମୋହନ ସେନାପତିଙ୍କ 'ରେବତୀ' ଗଳ୍ପରେ ରେବତୀ ମନରେ ଶିକ୍ଷକ ବାସୁଦେବ ପ୍ରତି ସୃଷ୍ଟି ହୋଇଥିବା ପ୍ରେମ ନୀରବତା ଓ ନିର୍ମଳ ଅସଫଳ ପ୍ରେମର ପ୍ରତୀକ। ଏଥିପାଇଁ ଦାୟୀ ସମାଜ। ଯେଉଁଠି ଝିଅଟିଏ ଶିକ୍ଷାଠାରୁ ବଞ୍ଚିତ ସେ କିପରି ପାଇବ ନିଜ ମନର ଦେବତାଙ୍କୁ। ଉକ୍ତ ଗଳ୍ପରେ ଗାଳ୍ପିକ ଏକା ଧାରାରେ ତତ୍କାଳୀନ ସମାଜର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟଗତ ସମସ୍ୟା ଓ ଅସଫଳ ପ୍ରେମ ପ୍ରକାଶିତ। ଗାଳ୍ପିକଙ୍କ ଭାଷାରେ- "ଏଣିକି ବାସୁ ପଢ଼ାଇଦେଲେ କେତେବେଳେ ତୁନି ତୁନି ପଢ଼େ, କେତେବେଳେ ଖାଲି ହୁଁ ହୁଁ କରେ , ପଢା ସରିଲେ ପାଟି ବୁଜି ହସି ହସି ଘରକୁ ପଳାଇଯାଏ। ପ୍ରତିଦିନ ସଞ୍ଜବେଳେ ଦାଣ୍ଡଦୁଆର କବାଟକୁ ଧରି କାହାକୁ ଚାହିଁଥାଏ, ବାସୁ ଆସିଲେ ଘରକୁ ପଳାଏ।" (ଫକୀରମୋହନ ଗ୍ରନ୍ଥାବଳୀ (ଗଦ୍ୟ ପର୍ବ)' ରେବତୀ' ପୃ -୧୭)ଏଥିରେ କେବଳ ରେବତୀର ମନସ୍ତତ୍ତ୍ୱ ପ୍ରକାଶିତ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗଳ୍ପ 'ଉତ୍କଟ ପ୍ରେମ', 'ଆତ୍ମହତ୍ୟା', 'ଭୁଲ୍‌ର ପୁରସ୍କାର', 'ମଡ଼ର୍ଣ୍ଣ ତାଳବେତା', 'ପ୍ରଜାପତିଙ୍କ ପରିହାସ', 'ପ୍ରଜାପତିଙ୍କ ଅଭିଶାପ', 'ଶିକ୍ଷା ନିବାସ ପ୍ରେମିକ', 'ଭଲ ଲୋକ' ଆଦି ଗଳ୍ପରେ ଦେଖିପାରିବା ଅର୍ଥ ବିନିମୟରେ ପ୍ରେମ ନାମରେ ଦୈହିକ ବାସନାର ଚରିତାର୍ଥ, ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନ ମାନଙ୍କରେ ଦେଖାଯାଉଥିବା ସ୍ୱାଧୀନ ପ୍ରେମ ଏବଂ ଆଧୁନିକ ଶିକ୍ଷା ବ୍ୟବସ୍ଥା ଛାତ୍ର ଛାତ୍ରୀ ମନରେ ଯୌନ ପିପାସା ସୃଷ୍ଟି କରିଛି ତାକୁ ଖୁବ୍ ସୁନ୍ଦର ଭାବେ ଉକ୍ତ ଗଳ୍ପରେ ପରିପ୍ରକାଶ କରିଛନ୍ତି ।

ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକ ଗୋଦାବରୀଶ ମିଶ୍ର ଆଜୀବନ ସାହିତ୍ୟ ଓ ସମାଜର ବିକାଶରେ ବର୍ତ୍ତୀ ଥିଲେ। ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ମିଶ୍ର ଅର୍ଥନୀତିରେ ଏମ.ଏ. ପାସ୍ ପରେ ଉଚ୍ଚ ଚାକିରି ମୋହ ପରିତ୍ୟାଗ କରି ସ୍ୱଳ୍ପ ବେତନରେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକତା ପରେ ଶିକ୍ଷା ମନ୍ତ୍ରୀ ହୋଇଥିଲେ। ତାଙ୍କ ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟ ଗଢି ଉଠିଥିଲା। ସାହିତ୍ୟ କ୍ଷେତ୍ରରେ ମଧ୍ୟ ଜଣେ ଅନନ୍ୟ ପ୍ରତିଭା। ପ୍ରେମ ପ୍ରଣୟ ତାଙ୍କ ଗଳ୍ପର ଅନ୍ୟତମ ବୈଭବ। ତାଙ୍କ ପ୍ରେମରେ ନଥାଏ ସ୍ୱେଚ୍ଛାଚାରିତା। ତ୍ୟାଗ ହିଁ ଗଳ୍ପର ଆତ୍ମିକ ଉତ୍ତରଣ। ଦାମ୍ପତ୍ୟ ଜୀବନର ପ୍ରେମର ସାର୍ଥକତା ପ୍ରତିନିଧିତ୍ୱ କରେ ତାଙ୍କ ଗଳ୍ପର ଦିଗ୍ ବଳୟ କୁ। 'ରିକସା ବାଲା' ଗଳ୍ପରେ ମଦନ ଓ ଚମ୍ପାର ଦାମ୍ପତ୍ୟ ଜୀବନ କିପରି ସୁଖମୟ ହୋଇଛି ତାହା ଗାଳ୍ପିକ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି। 'ପ୍ରଗତି' ଗଳ୍ପରେ ଜଣେ ପତ୍ନୀର ଭଲପାଇବା ତା' ସ୍ୱାମୀର କୁତ୍ସିତ ଜୀବନରେ କିପରି ପରିବର୍ତ୍ତନ ଆଣୁଛି ତାହା ଦେଖିବାକୁ ପାଇବା। 'ପାଷାଣର ଭାଷା' ଐତିହାସିକ ପୃଷ୍ଠଭୂମି ଆଧାରିତ କାଳ୍ପନିକ ପ୍ରେମ ମୂଳକ ଗଳ୍ପ। ମଦନ ଓ ଚମ୍ପାର ସୁଖମୟ ଦାମ୍ପତ୍ୟ ଜୀବନ ବର୍ଣ୍ଣିତ। 'କାଚ ବଜ୍ର ହେଉ' ଗଳ୍ପଟି ଏକ ସ୍ୱତନ୍ତ୍ର ଆସନ ଅଭିଷିକ୍ତ କରେ। ଗଳ୍ପରେ ଶାନ୍ତି ଓ କିଶୋରର ଦାମ୍ପତ୍ୟ ଜୀବନ ଦେଖିବାକୁ ମିଳେ। କିଶୋର ଭାଲୁ ଆକ୍ରମଣରେ କ୍ଷତାକ୍ତ ହୋଇଛି। ଶାନ୍ତି ନିଜ ସ୍ୱାମୀର କ୍ଷତାକ୍ତ ମୁଖକୁ ଦେଖିଲେ ସ୍ୱାମୀ ପ୍ରତି ଅନାସକ୍ତି ଭାବ ଆସିପାରେ ଭାବି ନିଜ ଆଖିରେ ଔଷଧ ପକାଇ ଆଖିକୁ ନଷ୍ଟ କରିଦେଇଛି। ସ୍ୱାମୀ ସେବାରେ କେବେ ଅପସରି ଆସିନାହିଁ। କ୍ରମେ ସ୍ୱାମୀ

DOI: 10.70541/BAGEESHA/2025030502

VOL NO 03 ISSUE NO 05

ଆରୋଗ୍ୟ ହୋଇଛନ୍ତି ମାତ୍ର ଶାନ୍ତି ଅନ୍ଧ ଯୋଗୁଁ ସେ ତା ଠାରୁ ଦୂରେଇ ଯାଇ କଲ୍ୟାଣୀକୁ ବିବାହ କରିଛନ୍ତି। ମାତ୍ର କଲ୍ୟାଣୀ ଠାରେ ଶାନ୍ତିର ଭଲପାଇବା ପାଇନାହାନ୍ତି ପରିଶେଷରେ କଲ୍ୟାଣୀ କିଶୋର ବାବୁଙ୍କୁ ନତମସ୍ତକ ହୋଇ ଶାନ୍ତି ପାଖରେ ଛାଡ଼ିଆସିଛି। 'ସେବତୀର ଶବ' ଗଳ୍ପରେ ପ୍ରେମିକ ରାମଚନ୍ଦ୍ର ସେବତୀର ମୃତ୍ୟୁରେ ଶେଷଥର ପାଇଁ ପ୍ରେମିକାର ମୁଖ ଦର୍ଶନ କରିବାକୁ ବ୍ୟାକୁଳିତ ହୋଇ ଉଠିଛି। 'ମିଳନ' ଗଳ୍ପଟି ମୟୁରଭଞ୍ଜର ରାଜକୁମାର ରାଜେନ୍ଦ୍ର ଭଞ୍ଜ ଓ ବାସନ୍ତୀର ପ୍ରେମକୁ ନେଇ ଐତିହାସିକ ପୃଷ୍ଠଭୂମି ଆଧାରିତ ଗଳ୍ପ।

ଗୋଦାବରୀଶ ମହାପାତ୍ର ସତ୍ୟବାଦୀ ଗୋଷ୍ଠୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିବାରୁ ତାଙ୍କ ଗଳ୍ପରେ ଦାରିଦ୍ର୍ୟ, ଅଭାବ ମଧ୍ୟରେ ପ୍ରେମର ମୂର୍ଚ୍ଛନା ଗଢି ଉଠିଛି। 'ଦୁଇଟି ଟଙ୍କା' ଗଳ୍ପରେ ବନା ଓ ଚମ୍ପାର ଦାମ୍ପତ୍ୟ ଜୀବନ ଓ ଭଲପାଇବାକୁ ନେଇ ରଚିତ ହୋଇଛି। ବନା କୁମାର ପୂର୍ଣ୍ଣିମାରେ ନିଜ ସ୍ତ୍ରୀକୁ ଶାଢ଼ି ଦେବାପାଇଁ କଠିନ ପରିଶ୍ରମ କରିଛି ମାତ୍ର ସାହୁକାର ତାର ପରିଶ୍ରମର ପାଉଣା ନଦେବାରୁ ଶାଢ଼ି ଚୋରିକରି ଜେଲ ମଧ୍ୟ ଯାଇଛି। ସେଠାରେ ସେ କହିଛି ସେ ଚୋର ନୁହଁ। ମୋର ନିଜ ହକ୍ ମୁଁ ପାଇଛି। 'ଖଦଡ଼ ହକିଂ' ଗଳ୍ପରେ ଗଳ୍ପର ନାୟକ ଜନାର୍ଦ୍ଦନର ନିଜ ପ୍ରିୟତମା ପ୍ରତି ରହିଥିବା ଗଭୀର ପ୍ରେମ ଦେଖିବାକୁ ମିଳେ। 'ଭଗିଦାସଙ୍କ ଶାଢ଼ି' ଗଳ୍ପରେ ଦାମ୍ପତ୍ୟ ଜୀବନର ପ୍ରେମ କଥା ବର୍ଣ୍ଣିତ। ଭଗି ଦାସ ସ୍ତ୍ରୀ ପ୍ରତି ରହିଥିବା ଅନୁରାଗ ତାର ଦେହାନ୍ତ ପରେ ମଧ୍ୟ ଦେଖିବାକୁ ମିଳିଛି। ସ୍ତ୍ରୀର ମୃତ୍ୟୁ ପରେ ତାର ଶାଢ଼ିକୁ ସେ ଚାଦର କରି ଘୋଡିଛି ଏବଂ ସେଥିରେ ତାକୁ ଅନୁଭବ କରିଛି। ଏହାର ମୂଲ୍ୟ ସେହିଁ ଜାଣିଛି। ଗାଳ୍ପିକଙ୍କ ଭାଷାରେ- "ଏଇ ଯେ ଚାଦର, ଏଇ ଚାଦର ମୋର୍ ସ୍ମୃତିପଟ। ଏହାକୁ ଦେଖିଲେ ମୁଁ ସଂସାରକୁ ଭୁଲିଯାଏ।" ( ମୁଁ ଦିନେ ମନ୍ତ୍ରୀ ଥିଲି, ଭଗି ଦାସଙ୍କ ଶାଢ଼ି, ପୃ -୭୪) ମୁଣ୍ଡା ସାହାଡ଼ା' ଗଳ୍ପଟି ବୃଦ୍ଧ ବିବାହକୁ କେନ୍ଦ୍ରକରି ଗଢି ଉଠିଥିଲେ ହେଁ ଏଠାରେ ଏକ ଚମତ୍କାର ପ୍ରେମାନୁଭୂତି ପ୍ରଦର୍ଶିତ ହୋଇଛି। ବୃଦ୍ଧ ଗଙ୍ଗା ନାହାକ ଚମ୍ପାକୁ ସିନା ପାଇନାହିଁ ତାର ସ୍ମୃତିରେ କାଟିଛି ଜୀବନର ପ୍ରତିଟି ମୁହୂର୍ତ୍ତ। ଯେଉଁ ଗଛରେ ଚମ୍ପା ଆତ୍ମହତ୍ୟା କରିଥିଲା ସେ ଗଛର ପ୍ରତିଟି ଶାଖା ପ୍ରଶାଖାରେ ଚମ୍ପାକୁ ଉପଲବ୍ଧି କରିଛି। 'ମୁଁ ଯେ ରେଙ୍ଗୁନରୁ ଫେରିଲି 'ଅସହାୟ ଦାମ୍ପତ୍ୟ ଜୀବନ ଉପରେ ପର୍ଯ୍ୟବସିତ। ଉକ୍ତ ଗଳ୍ପଟି ଶ୍ରେଣୀ ସଂଘର୍ଷକୁ ନେଇ ରଚିତ। 'ପ୍ରେମର ସିଂହାସନ' ଗଳ୍ପଟି ଏକ ଭିନ୍ନ ସ୍ୱାଦର ଦାମ୍ପତ୍ୟ ଜୀବନକୁ ନେଇ ରଚିତ। ପୁରୁଷଟିଏ କିପରି ଜୀବନର ସବୁକିଛି ନିଜ ପରିବାର ପାଇଁ ଉତ୍ସର୍ଗୀକୃତ କରିଛି। ତାର ଅନୁପସ୍ଥିତିରେ ସ୍ତ୍ରୀ ଆଉ କାହା ସହ ଚାଲିଯିବା ଗତି ନାୟକ ମନରେ ଗଭୀର ଆଘାତ ଆଣିଛି। ସ୍ତ୍ରୀ ପାଇଁ ଆଣିଥିବା ଅଳଙ୍କାର ଓ ଶାଢ଼ିକୁ ଶେଷରେ ଛାତିରେ ଧରି ଅନାହାରରେ ମୃତ୍ୟୁ ବରଣ କରିଛି। 'ଗୋଟିଏ ଚାମୁଚା' ଗଳ୍ପରେ ମଧ୍ୟ ଦାରିଦ୍ର୍ୟ ଦାମ୍ପତ୍ୟ ଜୀବନ ମଧ୍ୟରେ ପ୍ରେମର ପ୍ରତିଷ୍ଠା ହୋଇଛି। ଦାରିଦ୍ର୍ୟତା ପ୍ରେମକୁ ସ୍ପର୍ଶ କରି ପାରିନାହିଁ। ଭୋଗ ତୃଷ୍ଣାର ଅନ୍ତରାୟରେ ପ୍ରେମର ମାଧୁର୍ଯ୍ୟତା ପ୍ରକଟିତ। ଉପରୋକ୍ତ ଗଳ୍ପ ଗୁଡ଼ିକୁ ଅନୁଧ୍ୟାନ କଲେ ମହାପାତ୍ରଙ୍କ ଜୀବନରେ ପ୍ରେମପ୍ରତି ଦର୍ଶନ ଉପଲବ୍ଧି କରିହୁଏ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସାମାଜିକ ଜୀବନକୁ ନିଚ୍ଛକ ଭାବେ ନିଜ ଗଳ୍ପରେ ଦର୍ଶାଇ ଥିବା ଅନ୍ୟତମ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ। ତାଙ୍କ 'ସାଗରିକା' ଗଳ୍ପଟି ଏକ ମୁଖ୍ୟ ପ୍ରେମର ସାର୍ଥକ ପ୍ରତିନିଧିତ୍ୱ କରେ। ଉକ୍ତ ଗଳ୍ପରେ ମାନବ ପ୍ରେମ ଠାରୁ ପ୍ରକୃତିର ପ୍ରେମ ବଳିପଡିଛି। ବିଳାସର ସାମଗ୍ରୀ ଠାରୁ ପ୍ରକୃତି ହିଁ ଅଧିକ ନିଜର ହୋଇପାରିଛି। ମାନବ ପ୍ରେମଠାରୁ ପ୍ରକୃତି ପ୍ରତି ଅନୁରାଗ ସାଗରିକାକୁ ଅଧିକ ପ୍ରଭାବିତ କରିଛି। ତେଣୁ ସୌଦାଗରର ପୁଅର ପ୍ରେମ ଓ ବିଳାସ ବ୍ୟସନର ପ୍ରାସାଦକୁ ଆଡେଇ ପୁଣି ପ୍ରକୃତି କୋଳକୁ ଫେରିଛି। 'ବିଟ୍‌ଘର ଓ ରେଳଗାଡ଼ି' ଗଳ୍ପରେ ନୀରବତା ମଧ୍ୟରେ ପ୍ରେମର ସ୍ପନ୍ଦନ ଉକୁଟି ଉଠିଛି। ଗଦେଇ ମାଝୀର ଝିଅ ଜହ୍ନା ବାପା ସହ ବିଟଘରେ ରହେ। ବାପା ଦେହର ଅସୁସ୍ଥତାରେ ବାପାଙ୍କ କାର୍ଯ୍ୟ କରେ। ଦାମ ଟ୍ରେନରେ ଫଳ ବିକୁଥିବା ଜଣେ ଯୁବକ ଜହ୍ନକୁ ଭଲପାଏ। ପ୍ରତିଦିନ ଜହ୍ନକୁ ଫଳ ପୁଡିଆ ଟିଏ ବିଟଘର ସାମ୍ନାରେ ପକେଇ ଦେଇଯାଏ। ମାତ୍ର ଜହ୍ନ କେବେ ଦେଖିନି। ଦାମ ଦିନେ ଜହ୍ନକୁ ଦେଖା କରିବ ବୋଲି ତା ପାଇଁ ଶାଢ଼ି ଫଳ ଧରି ଆସିଛି ମାତ୍ର ବିଟଘର କିଛି ଦୂରରୁ ଟ୍ରେନ୍‌ରୁ ଖସି ପଡ଼ିଛି। ଲୋକେ ତାକୁ ଲହୁଲୁହାଣ ଅବସ୍ଥାରେ ଟ୍ରେନ୍‌କୁ ନେଇଛନ୍ତି। ମାତ୍ର ଜହ୍ନ ଦେଖିବାକୁ ଆସିବା ବେଳେ ଗହଳି ଭାଙ୍ଗି ସାରିଛି କେବଳ ପଡ଼ିରହିଛି ରକ୍ତ ଆଉ ତାର ଉପହାର ବାପା ପଛରୁ ଡାକିଛନ୍ତି। ଜହ୍ନ ଫେରିଛି। ଏଥିରେ ଜହ୍ନ ଓ ଦାମ ନୀରବ ପ୍ରେମର ସାର୍ଥକ ପ୍ରତିନିଧିତ୍ୱ ବହନ କରନ୍ତି । 'ଡାଆଣୀ ବୁଢ଼ୀ' ଗଳ୍ପଟି ମୃତ ପ୍ରେମର ସ୍ମୃତିରେ ବଞ୍ଚିରହିଥିବା ଏକ ବୁଢୀକୁ କେନ୍ଦ୍ରକରି ରଚିତ ହୋଇଛି। ନାରୀ ହୃଦୟର ପ୍ରେମ ଓ ବାତ୍ସଲ୍ୟ ଉକ୍ତ ଗଳ୍ପରେ ଦେଖିବାକୁ ମିଳେ। ବୁଢୀଟି ସ୍ୱାମୀକୁ ହରେଇଛି ମାତ୍ର ସ୍ୱାମୀ ପ୍ରଦତ୍ତ ଅଳଙ୍କାରକୁ ନେଇ ସ୍ୱାମୀକୁ ଅନୁଭବ କରିଛି। ସେଥିଲାଗି ପ୍ରତିଦିନ ରାତ୍ରୀରେ ସେ ଅଳଙ୍କାରକୁ ପରିଧାନ କରି ପୁଣି କେହି ଦେଖିବା ପୂର୍ବରୁ ଖୋଲି ରଖିଦେଇଥାଏ। ଏହି ଗଳ୍ପକୁ କେନ୍ଦ୍ରକରି ପରବର୍ତ୍ତୀ ସମୟରେ 'ମୁକ୍ତା ଗଡର କ୍ଷୁଧା' ଉପନ୍ୟାସ ରଚିତ। ଏହା ବ୍ୟତୀତ 'ପ୍ରେମିକ' ଗଳ୍ପରେ ଶିଳ୍ପୀ ଜୀବନର ୭୦ ବର୍ଷର ପୁରାତନ ପ୍ରେମ ପ୍ରଦର୍ଶିତ। 'ହୃଦୟ' ଗଳ୍ପରେ ବନ୍ଧୁତାର ଅନୁରାଗ ଦେଖାଯାଏ। 'ପଙ୍ଗୁ', 'ମାଂସର ବିଳାପ', 'ଆତ୍ମହତ୍ୟା', 'ପାଷାଣର ପ୍ରତୀକ୍ଷା', 'ସାବିତ୍ରୀର ଦୁଃଖ', 'ଜୟ ହିନ୍ଦ', 'ରଶ୍ମିରେଖା' ଆଦି ଗଳ୍ପରେ ପ୍ରେମର ମହନୀୟତା ଓ ମାନବିକ ପ୍ରେମର ଚାରୁ ଚିତ୍ର ଦେଖିବାକୁ ମିଳେ। 'ଉପହାର' ଗଳ୍ପ ଭାତୃ ପ୍ରେମର ସାର୍ଥକ ନିଦର୍ଶନ। କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଗଳ୍ପରେ ଆମେ ପ୍ରେମର ଏକ ନୂତନ ରସ ଆସ୍ୱାଦନ କରିପାରିବା। ମହା ମାନବଠାରୁ ମାନବେତର ଏବଂ ଅପ୍ରାପ୍ତି ମଧ୍ୟରେ ପ୍ରାପ୍ତିକୁ ପାଇ ପାରିବା।

ଗାଳ୍ପିକ ଅନନ୍ତ ପ୍ରସାଦ ପଣ୍ଡା ଜଣେ ଭିନ୍ନ ସ୍ୱାଦର ଗାଳ୍ପିକ। ତାଙ୍କ 'ଅନ୍ତିମ ମିଳନ' ଗଳ୍ପରେ ଘନଶ୍ୟାମ ଓ କନକର ଉତ୍ସର୍ଗୀକୃତ ପ୍ରେମ ଦେଖିବାକୁ ମିଳେ। 'ଅତୃପ୍ତ ପ୍ରେମ' ଗଳ୍ପରେ ବାଲ୍ୟ ବିଧବା ସରଳା ପ୍ରତି ଉପେନ୍ଦ୍ରର ପ୍ରେମ। 'ବାସନା ତୃପ୍ତି' ଗଳ୍ପରେ ରଙ୍ଗୁଆ ଓ ମଙ୍ଗଳୀର ଦାମ୍ପତ୍ୟ ଜୀବନର ପ୍ରେମ।

DOI: 10.70541/BAGEESHA/2025030502
VOL NO 03 ISSUE NO 05

'ଭିକାରିଣୀ' ଗଳ୍ପରେ ଜଣେକୁ ଯୁବତୀର ଦାମ୍ପତ୍ୟ ଜୀବନର ପ୍ରେମ। ସ୍ୱାମୀ ମୃତ୍ୟୁ ପରେ ସ୍ୱାମୀର ସ୍ମୃତିକୁ ନେଇ ବଞ୍ଚି ରହିଛି। 'ସ୍ମୃତିର ଅଭିଶାପ' ଗଳ୍ପରେ ପ୍ରେମ ନାମରେ ଯୌନାଭିଚାର, ଉପଭୋଗର କ୍ଷୁଧା ପ୍ରକଟିତ। 'ଦ୍ୱିଧାରା' ଗଳ୍ପରେ ସ୍ୱାମୀର ପରକୀୟା ପ୍ରୀତିରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମଧ୍ୟ ଅନ୍ୟତ୍ର ପୁରୁଷ ସହ ଗମନ। 'କଙ୍କାଳର ସ୍ୱପ୍ନ' ଗଳ୍ପଟି କରୁଣାତ୍ମକ ପ୍ରେମରେ ରସସିକ୍ତ। 'ପ୍ରତିଦାନ' ଗଳ୍ପରେ ଦାରିଦ୍ର୍ୟ ଯୁବତୀର ଗଭୀର ପ୍ରେମ। 'ନୋଳ' ଗଳ୍ପରେ ଦାମ୍ପତ୍ୟ ଜୀବନର କରୁଣାତ୍ମକ ପ୍ରେମ ଦେଖାଯାଏ। 'କୋଇଲି' ଗଳ୍ପରେ ଏକ ତ୍ରିକୋଣୀୟ ବିଷାଦ ପୂର୍ଣ୍ଣ ପ୍ରେମ ଦେଖିବାକୁ ମିଳେ। ଘନ କୋଇଲିକୁ ଭଲପାଏ। ନବୀନ କୋଇଲିକୁ ବିବାହ କରେ। ମାତ୍ର କୋଇଲି ମନରେ ଘନ ଆଜୀବନ ରହିଛି। 'ଲେଡି ଡାକ୍ତର' ଗଳ୍ପଟି ନାରୀ ମନସ୍ତତ୍ତ୍ୱକୁ ନେଇ ରଚିତ ହୋଇଅଛି। ସେ ପ୍ରଥମତ କୌଣସି ପୁରୁଷ ସାନ୍ନିଧ ଇଚ୍ଛା ପ୍ରକାଶ କରିନାହିଁ। ସେଥିରୁ ସର୍ବଦା ଦୂରେଇ ଯାଇଛି ମାତ୍ର ଶେଷରେ ଏକ ପୁରୁଷ ବ୍ୟତିରେକେ ନାରୀ ଜୀବନର ସ୍ଥିତି ଉପଲବ୍ଧି କରିଛି। ଶେଷରେ ସେ ଡାକ୍ତର ହୋଇ ମଧ୍ୟ ଜଣେ ଅଳ୍ପ ଶିକ୍ଷିତ ଯୁବକ ନିକଟରେ ନିଜକୁ ସମର୍ପିତ କରି ନିଜକୁ ଧନ୍ୟ ମନେ କରିଛି।

ଭଗବତୀ ଚରଣ ପାଣିଗ୍ରାହୀ ମାକ୍ସବାଦୀ ସାହିତ୍ୟର ଉଦଗାତା। ତାଙ୍କ ଗଳ୍ପର ମୂଳଲକ୍ଷ୍ୟ ଶୋଷଣମୁକ୍ତ ସମାଜ ଗଠନ କରିବା। ବିପ୍ଳବ ହିଁ ତାଙ୍କ ଗଳ୍ପର ସାରକଥା। ମାତ୍ର ତା ଭିତରେ ରହିଛି ପ୍ରେମର ମାଧୁର୍ଯ୍ୟତା। କେଉଁଠି ଦାମ୍ପତ୍ୟ ଜୀବନରେ ପ୍ରେମ ତ ଆଉ କେଉଁଠି ମାନବଠାରୁ ମାନବେତର ପ୍ରାଣୀଙ୍କ ପ୍ରେମର ସାର୍ଥକତା। ତାଙ୍କ ରଚିତ ପ୍ରଥମ ଗଳ୍ପ 'ଜଙ୍ଗଲି' । ଯେଉଁଥିରେ ପିଶାଚର ପ୍ରବୃତ୍ତିରୁ ମାନବର ରୂପାନ୍ତର ହୋଇଥାଏ ପ୍ରେମର ମାନଦଣ୍ଡରେ। ଉକ୍ତ ଗଳ୍ପରେ ଜଙ୍ଗଲି ଚରିତ୍ର ମାଧ୍ୟମରେ ତାହା ଦେଖିବାକୁ ମିଳେ। ଜଙ୍ଗଲି ଛୋଟବେଳୁ ଜଙ୍ଗଲରେ ବଢ଼ିଛି ଗୁମ୍ଫାରେ ରହି ସମ୍ପୂର୍ଣ୍ଣ ପଶୁ ପ୍ରବୃତ୍ତି ବିସ୍ତାର କରିଛି ତା ମଧ୍ୟରେ। ହରିଣୀ ସହ ପ୍ରଣୟ କରିଛି। ମାତ୍ର ଶବର କନ୍ୟା ଆଣିଛି ଜଙ୍ଗଲି ଜୀବନରେ ପରିବର୍ତ୍ତନ। ତା ପ୍ରେମ ହିଁ ପଶୁତ୍ୱରୁ ମାନବ ସ୍ତରକୁ ଆଣିପାରିଛି। ମାତ୍ର ତରୁଣୀ ପିତାଙ୍କ ଶରାଘାତରେ ଜଙ୍ଗଲିର ପ୍ରାଣବାୟୁ ଉଡ଼ିଯାଇଛି। ଏଠାରେ ଏକ ପାର୍ଶ୍ୱରେ ମାନବୀୟ ପ୍ରେମଠାରୁ ଇତର ପ୍ରାଣୀର ପ୍ରେମର ଗଭୀରତା ପ୍ରକାଶ ପାଇବା ବେଳେ ଅନ୍ୟପାର୍ଶ୍ୱରେ ଶବର କନ୍ୟାର ଅବ୍ୟକ୍ତ ପ୍ରେମ ଫୁଟି ଉଠିଛି। 'ଝଡ଼' ଗଳ୍ପରେ ଦାମ୍ପତ୍ୟ ଜୀବନର ପ୍ରେମ ଓ ବିଷାଦ ଫୁଟି ଉଠିଛି। ଗଳ୍ପଟି ଧୀବର ଦମ୍ପତିଙ୍କୁ କେନ୍ଦ୍ରକରି ରଚିତ। ଧୀବର ସହ ତା ପତ୍ନୀ ତାରା ମାଛ ଧରି ଯିବାକୁ ବାଧ୍ୟ ହୋଇଛି ଏକ ଭାଦ୍ରବ ପୂର୍ଣ୍ଣିମା ଜ୍ୟୋତ୍ସ୍ନା ଚର୍ଚ୍ଚିତ ରାତ୍ରିରେ। ଦୁହେଁ ଯାଇଛନ୍ତି ଗଙ୍ଗା ନଦୀକୁ। ମାତ୍ର ଏକ ଝଡ଼ରେ ଧୀବରର ନୌକା ଓଲଟି ପଡିଥିଲା ଏବଂ ଦୁହେଁ ପାଣିରେ ବୁଡ଼ିଛନ୍ତି। ତାରା ପହଁରା ଜାଣିନଥିବାରୁ ଧୀବର ସାହାଯ୍ୟ ଲୋଡ଼ିଛି ମାତ୍ର ଧୀବର ନିଜକୁ ରକ୍ଷା କରିବା ପାଇଁ ଛାଡ଼ି ଆସିଛି ଗଭୀର ନଈ ଭିତରେ। ଏଠାରେ ଧୀବରର ଛଳନାପୂର୍ଣ୍ଣ ପ୍ରେମର ପ୍ରକାଶ ଘଟିଛି। 'ଆରମ୍ଭ ଓ ଶେଷ' ଗଳ୍ପରେ ଅସଫଳ ପ୍ରେମ କାହାଣୀ ବର୍ଣ୍ଣିତ। ଗଳ୍ପର ନାୟକ ଧରମା ଭଲପାଏ ମଣିକୁ। ତାକୁ ନେଇ ସେ ସଂସାର ଗଢିବାର ସ୍ୱପ୍ନ ଦେଖେ। ମାତ୍ର ଜମିଦାରଙ୍କ ବାଧ୍ୟ ବାଧକତାରେ ଗ୍ରାମ ଛାଡ଼ି ସହରରେ ମାଲି କାମ କରେ। ଯେତେବେଳେ ସେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରେ ସେତେବେଳେ ଦୁଇଟି ଘଟଣା ତା ଜୀବନର ଗତିପଥ ବଦଳାଇ ଦିଏ। ଗୋଟିଏ ଦେଖେ ମଣି ଆଉ କାହାସହ ବିଭା ହୋଇ ଶ୍ୱଶୁର ଘରକୁ ଯାଉଛି ଏବଂ ଅନ୍ୟଟି ଜମିଦାର ତା ଘରବାଡ଼ି ସବୁ ନିଲାମ କରିସାରିଛି। ସେ ପ୍ରତିବାଦର ସ୍ୱର ଉଠାଇ ପାରିନି। କାହିଁକି ନା ସେ ଯାହା ପାଇଁ ସ୍ୱପ୍ନ ଦେଖିଥିଲା ଯାହାକୁ ନେଇ ଜୀବନ ଗଢିବାର ଆଶା ବାନ୍ଧିଥିଲା ସେ ଆଉ କାହାର ହାତଧରି ଚାଲିଯାଇଛି। ଏଥିରେ ଗୋଟେ ଅସଫଳ ପ୍ରେମିକର ବେଦନା ପ୍ରସ୍ଫୁଟିତ ହୁଏ। 'ଶିକାର' ଗଳ୍ପରେ ଏକ ଆଦିବାସୀ ସାନ୍ତାଳୀ ଦାମ୍ପତ୍ୟ ଜୀବନର ପ୍ରେମକୁ ନେଇ ରଚିତ ହୋଇଛି। ଗଳ୍ପର ନାୟକ ଘିନୁଆ ସବୁ ଅତ୍ୟାଚାର ସହିଛି। ମାତ୍ର ତା' ସ୍ତ୍ରୀ ପ୍ରତି ଯେତେବେଳେ ଅତ୍ୟାଚାର ହୋଇଛି ସେ ସହ୍ୟ କରିପାରି ନାହିଁ। ଗୋବିନ୍ଦ ସର୍ଦ୍ଦାର ତାର ଧନସମ୍ପତି ସବୁ ହଡ଼ପ କରିଛି ସେଥିରେ ସେ ତିଳେ ମାତ୍ର ବିଚଳିତ ହୋଇନାହିଁ। ମାତ୍ର ତା' ସ୍ତ୍ରୀ ପ୍ରତି ଅତ୍ୟାଚାରକୁ ସହ୍ୟ କରିନପାରି ଗୋବିନ୍ଦ ସର୍ଦ୍ଦାରର ମୁଣ୍ଡ କାଟିଛି। ଏଥିରେ ଆଦିବାସୀ ଦାମ୍ପତ୍ୟ ଜୀବନରେ ରହିଥିବା ପ୍ରେମର ଗଭୀରତା ଦେଖିବାକୁ ମିଳେ। ଗାଳ୍ପିକଙ୍କ ଭାଷାରେ- "ସେଦିନ ସନ୍ଧ୍ୟାରେ ଘିନୁଆର ସ୍ତ୍ରୀ ଉପରେ ଅତ୍ୟାଚାର କରିବାକୁ ବସିଥିଲା। XXX ତା'ର ମଟର ଚକକୁ ତୀରମାରି ଘିନୁଆ ଅଚଳ କରିଦେଲା। ତାପରେ ଟାଙ୍ଗୀରେ ତାର ମୁଣ୍ଡଟା କାଟିଦେଲା। ସିଧା ଦୌଡିଲା ରାତି ରାତି ଜଙ୍ଗଲ ଭିତର ଦେଇ ତିରିଶ ମାଇଲ ରାସ୍ତା ଏକା ନିଶ୍ୱାସକେ ଦୌଡ଼ିସେ ଡେପୁଟି କମିଶନରଙ୍କ ବଙ୍ଗଳା ପାଖରେ ହାଜର ହେଲା।"(ଶିକାର, ପୃ-୪୬)ଉକ୍ତ ଗଳ୍ପରେ ସମସ୍ତ ଅତ୍ୟାଚାର ସହ୍ୟ କରୁଥିବା ଆଦିବାସୀ ସାନ୍ତାଳ ଲୋକ ନିଜ ପରିବାର ପ୍ରତି କେହି ଅସଦାଚରଣ କଲେ କିପରି ଉଗ୍ର ରୂପ ଧାରଣ କରନ୍ତି ତାହା ଉକ୍ତ ଗଳ୍ପରେ ଦେଖିବାକୁ ମିଳେ। ଏଥିରୁ ଗୋଟେ ଆଦିବାସୀ ଦାମ୍ପତ୍ୟ ଜୀବନର ପ୍ରେମ ଓ ଅନୁରାଗ ପ୍ରକାଶିତ ହୋଇଥାଏ।

**ଉପସଂହାର:** ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ପ୍ରେମକୁ ନିଜ ନିଜ ନିହାଣରେ ଆଙ୍କି ଯାଇଛନ୍ତି ବିବିଧ ସ୍ରଷ୍ଟା ମାନେ। କେଉଁଠାରେ ପ୍ରେମ ହୋଇଛି ଶାଶ୍ୱତ ଓ ଆଉ କେଉଁଠାରେ ପ୍ରେମ ଅମର। ପ୍ରେମ କେବଳ ମାନବ ଜଗତ ମଧ୍ୟରେ ସୀମିତ ନୁହଁ ପ୍ରେମ ମାନବ ଠାରୁ ଇତର ପ୍ରାଣୀଙ୍କ ଠାରେ ମଧ୍ୟ ବିଦ୍ୟମାନ। ପତି ପତ୍ନୀଙ୍କ ଦାମ୍ପତ୍ୟ ଜୀବନକୁ ଅଧିକ ସରସ ସୁନ୍ଦର କରିଛି ପ୍ରେମ। ପ୍ରେମ ନଥାଏ ଭୋଗରେ ପ୍ରେମ ତ୍ୟାଗରେ ହିଁ ବିଦିତ। ତ୍ୟାଗ ପୂର୍ଣ୍ଣ ପ୍ରେମ ହିଁ ଶାଶ୍ୱତ ପ୍ରେମର ପ୍ରତିନିଧିତ୍ୱ କରେ। ନପାଇବା ହିଁ ପ୍ରେମର ଗଭୀରତା ପ୍ରଦର୍ଶିତ କରେ। ତ୍ୟାଗ ପୂତ ଭଲପାଇବା ଅନ୍ତର ମଧ୍ୟରେ ପ୍ରେମର ତଟିନୀ ସର୍ବଦା ପ୍ରବାହିତ। ପ୍ରେମିକଟିଏ ନିଜ ପ୍ରେମିକା ସାନ୍ନିଧରେ ଯେତିକି ପ୍ରେମର ସ୍ୱାଦ ଅନ୍ୱେଷଣ କରିନଥାଏ ତ୍ୟାଗରେ ହିଁ ତାକୁ ଉପଲବ୍ଧି କରିଥାଏ। ଉପନିଷଦ କହିଥାଏ ପୁରୁଷ ବୀଜ ନାରୀ ଧରିତ୍ରୀ ଏ ଦୁହିଁଙ୍କ ମିଳନରେ ଏକ ନୂତନ ଜଗତର ସୃଷ୍ଟି। ନଦୀରେ ପାଣି , ଗଛରେ ଫଳ ଓ ନାରୀ ଅନ୍ତସତ୍ତ୍ୱା ନହେଲେ

DOI: 10.70541/BAGEESHA/2025030502

VOL NO 03 ISSUE NO 05

ଜୀବନ ଅପୂର୍ଣ୍ଣ ପ୍ରାୟ। ସେଥିଲାଗି ଲୋଡ଼ା ଯୌନତା। ସାମାଜିକ ସିକୃତି ପ୍ରାପ୍ତ ପ୍ରେମ ଜୀବନକୁ ଅଧିକ ରସମୟ କରିଥାଏ ଯାହା ଅବୈଧ ସମ୍ପର୍କରେ ନଥାଏ ।

## ସହାୟକ ଗ୍ରନ୍ଥସୂଚୀ :


୧) ଦାଶ, ଦେବେନ୍ଦ୍ର କୁମାର। ୨୦୧୬। କବିବର ରାଧାନାଥ ଗ୍ରନ୍ଥାବଳୀ। ଚତୁର୍ଥସଂସ୍କରଣ। କଟକ: ଗ୍ରନ୍ଥମନ୍ଦିର।

୨) କର, ବାଉରୀବନ୍ଧୁ। ୨୦୦୪। ସାରସତ୍ୱ ସାଧକ ଡକ୍ଟର ମାୟାଧର ମାନସିଂହ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।

୩) ସିଂହ , ବିଜୟାନନ୍ଦ। ୨୦୨୪। ଫକୀରମୋହନ ଗ୍ରନ୍ଥାବଳୀ (ଗଦ୍ୟ ପର୍ବ)। ପ୍ରଥମ ସଂସ୍କରଣ। କଟକ: ବିଜୟିନୀ ପବ୍ଲିକେଶନ।

୪) ବ୍ରହ୍ମା, ଗୌରୀ କୁମାର। ୨୦୧୨। ଗୋଦାବରୀଶ ରଚନାବଳୀ। ତୃତୀୟ ସଂସ୍କରଣ । କଟକ: ଗ୍ରନ୍ଥମନ୍ଦିର।

୫) ପାଣିଗ୍ରାହୀ, ଭଗବତୀ ଚରଣ। ଶିକାର ଗଳ୍ପ ।

୬) ସାମଲ, ବୈଷ୍ଣବ ଚରଣ। ୨୦୧୯। ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ। କଟକ : ଫ୍ରେଣ୍ଡସ ପବ୍ଲିଶର୍ସ ।

୭) ବରାଳ, ଆଲୋକ। ୨୦୧୯। ଗଳ୍ପ ଜିଜ୍ଞାସା। କଟକ: ବିଜୟିନୀ ପବ୍ଲିକେଶନ।

୮) ସାମଲ, ବୈଷ୍ଣବ ଚରଣ। ୨୦୨୩। ଓଡ଼ିଆ କ୍ଷୁଦ୍ରଗଳ୍ପ ଉନ୍ମେଷ ଓ ଉତ୍ତରଣ। କଟକ : ଫ୍ରେଣ୍ଡସ ପବ୍ଲିଶର୍ସ।

୯) ବାରିକ, କବିତା। ୨୦୨୪। ଶହେ ପଚିଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ। କଟକ: ବିଦ୍ୟାପୁରୀ।



### Funding
No funding was received for conducting this study.


### Does this Article screened for similarity?
Yes

### Conflict of interest
The Author has no conflicts of interest to declare that they are relevant to the content of this Article.

### About the licenses

© **Asoka Kumara Mahanta** 2025. The text of this Article is open access and licensed under a Creative Commons Attribution 4.0 International license



### Cite this Article :
Mahanta, Asoka Kumara, "*Swadhinata Purbabartee Odia Kshudra Galpare Prema o Jounata*", Bageesha, Vol. No. 03, Issue No. 05, Sep-Oct 2025, Article No: BM2025/05-A002| Page- 13-17| DOI: https://doi.org/10.70541/BAGEESHA/2025030502

DOI: **10.70541/BAGEESHA/2025030502**

VOL NO 03 ISSUE NO 05